# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 27 November – 2025

*******************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଆରମ୍ଭ ହେଲା ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ

– ଅପରାହ୍ଣରେ ସାଢ଼େ ୪ଟାରେ ବିଧାନସଭା ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ବିଶ୍ୱ ପୁଞ୍ଜିନିବେଶକାରୀଙ୍କ ପାଇଁ ଭାରତୀୟ ମହାକାଶ କ୍ଷେତ୍ର ଏକ ଅକର୍ଷଣୀୟ କେନ୍ଦ୍ର ହୋଇଛି; କହିଲେ ପ୍ରଧାନମନ୍ତ୍ରୀ

- ଶିକ୍ଷକ ବଦଳି ପ୍ରସଙ୍ଗରେ ସାଂସଦ ଏବଂ ବିଧାୟକଙ୍କ ସୁପାରିସ ଆଧାରିତ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କଲେ ହାଇକୋର୍ଟ

ଏବଂ

- ଆସନ୍ତା ପହିଲାରୁ ରାଜ୍ୟବ୍ୟାପୀ ଡାକରା ଦିଆଯାଇଥିବା ବସ ଚଳାଚଳ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କଲା ଘରୋଇ ବସ୍ ମାଲିକ ସଂଘ

BBSR/Reporter

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଗୃହକାର୍ଯ୍ୟ ଆରମ୍ଭ ହେବାପରେ ଦିଂବଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଓ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଲ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଶୋକପ୍ରସ୍ତାବକୁ ସମର୍ଥନ କରି ଗୃହରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଚସ୍ପତି ସୁରମା ପାଢ଼ି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହକୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଅଧିବେଶନର ପ୍ରଥମ ଦିନରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି। ଅଧିବେଶନ ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୯ଟି କାର୍ଯ୍ୟଦିବସ ରହିଛି।

BBSR/Correspondent

## ରାଷ୍ଟ୍ରପତି- ସମ୍ବୋଧନ

ଓଡ଼ିଶାକୁ ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ପହଁଞ୍ଚିଛନ୍ତି। ବିମାନବନ୍ଦରରୁ ରାଷ୍ଟ୍ରପତି ସିଧାସଳଖ ରାଜଭବନକୁ ଯାତ୍ରା କରିଥିଲେ। ଅପରାହ୍ନ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସ ଗୃହକୁ ଉଦ୍‌ଘାଟନ କରିବା ପରେ ବିଧାନସଭାକୁ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ବିଧାନସଭାକୁ ଆଜି ରାଷ୍ଟ୍ରପତି ସମ୍ବୋଧନ କରିବେ। ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ସମ୍ବୋଧନ କରିବେ। ବିଧାୟକଭାବେ କାର୍ଯ୍ୟ କରିଥିବା ବିଧାନସଭାର ୧୧ ନମ୍ବର କୋଠରୀକୁ ପ୍ରଥମେ ରାଷ୍ଟ୍ରପତି ଗସ୍ତ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେହି କୋଠରୀର ନବୀକରଣ କରାଯାଇଛି । ରାଷ୍ଟ୍ରପତି ମୁର୍ମୁ ମୟୂରଭଞ୍ଜର ରାଇରଙ୍ଗପୁର ବିଧାନସଭା ଆସନରୁ ୨୦୦୦ ଏବଂ ୨୦୦୪ ମସିହାରେ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ବିଜେଡ଼ି-ବିଜେପି ମେଣ୍ଟ ସରକାରରେ ପ୍ରମୁଖ ପଦବୀରେ ରହିବା ସହ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଏବଂ

ପରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

Desk

# ପିଏମ୍-ସ୍କାଏ ରୁଟ୍ କ୍ୟାମ୍ପସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱ ପୁଞ୍ଜି ନିବେଶକାରୀଙ୍କ ପାଇଁ ଭାରତୀୟ ମହାକାଶକ୍ଷେତ୍ର ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହୋଇଛି ।  ଭାରତୀୟ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍'ର ଇନ୍‌ଫିନିଟି କ୍ୟାମ୍ପସକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜି ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ମହାକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାର ମହାକାଶକ୍ଷେତ୍ରରେ ନବସୃଜନ କାର୍ଯ୍ୟ ପାଇଁ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ ପାଇଁ ଉନ୍ମୁକ୍ତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ବର୍ଷଗୁଡ଼ିକରେ ବିଶ୍ୱ ମହାକାଶ ଅର୍ଥନୀତି ଦ୍ରୁତ ବିକଶିତ ହେବ ଏବଂ ଏହା ଆମ ଦେଶର ଯୁବକମାନଙ୍କ ପାଇଁ ବିପୁଳ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୬/୭ ବର୍ଷ ମଧ୍ୟରେ ଭାରତର ମହାକାଶ କ୍ଷେତ୍ର ନୂତନ ରୂପ ନେଇଛି । ଏହାକୁ ଉନ୍ମୁକ୍ତ, ସମାବେଶୀ ଓ ନବସୃଜନ ଆଧାରିତ କରାଯାଇ ପାରିଛି । ପ୍ରଧାନନ୍ତ୍ରୀ କହିଛନ୍ତି, ଭାରତୀୟ

ମହାକାଶ ଭବିଷ୍ୟତ ପାଇଁ ୩୦୦ଟି ମହାକାଶ ଷ୍ଟାର୍ଟଅପ୍ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି । ଭାରତର ନୂତନ ଦୃଷ୍ଟିଭଙ୍ଗୀ, ନବସୃଜନ ଓ ଯୁବଶକ୍ତିର ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସ ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନବସୃଜନ, ଯୁବଶକ୍ତି, ସାହସିକ ପଦକ୍ଷେପ ନେବାର ସାମର୍ଥ୍ୟ ଓ ଉଦ୍ୟୋଗୀ ମନୋଭାବ ପାଇଁ ଦେଶ ଆଜି ନୂତନ ସୋପାନରେ ପହଞ୍ଚି ପାରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଦଶନ୍ଧି ଦଶନ୍ଧି ଧରି ଇସ୍ରୋ ଭାରତୀୟ ମହାକାଶ ଯାତ୍ରାକୁ ବଳ ଦେଇ ଆସିଛି । ଇସ୍ରୋ ନିଜର ବିଶ୍ୱସନୀୟତା, ସାମର୍ଥ୍ୟ ଓ ଗୁଣବତ୍ତା ଯୋଗୁଁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

CTC

## ହାଇକୋର୍ଟ- ଶିକ୍ଷକ ବଦଳି ପ୍ରସଙ୍ଗ

ଶିକ୍ଷକ ବଦଳି ପ୍ରସଙ୍ଗରେ ସଂସଦ ସଦସ୍ୟ ଓ ବିଧାୟକଙ୍କ ସୁପାରିସ ଗ୍ରହଣଯୋଗ୍ୟ ନୁହେଁ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି। ଏଭଳି ସୁପାରିସ ଅସାମ୍ବିଧାନିକ ବୋଲି ଦର୍ଶାଇବା ସହ ହାଇକୋର୍ଟ ଏ ସଂକ୍ରାନ୍ତରେ ସରକାରୀ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ତେବେ ବିଜ୍ଞପ୍ତି ଆଧାରରେ ଏ ପର୍ଯ୍ୟନ୍ତ ବଦଳି ହୋଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଚଳିତ ଶିକ୍ଷା ବର୍ଷ ହେବା ଯାଏଁ ସେହି ସ୍ଥାନରେ କାର୍ଯ୍ୟ କରିବା ନେଇ ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଶିକ୍ଷାବର୍ଷ ଶେଷ ହେବାପରେ ବଦଳି ହୋଇଥିବା ଶିକ୍ଷକ,

ଶିକ୍ଷୟିତ୍ରୀ ନିଜର ପୂର୍ବସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୧୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ଲାଗି ସାଂସଦ ଓ ବିଧାୟକମାନେ ସୁପାରିସ କରିବେ ବୋଲି  ଗତ ମେ’ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଆଗତ ମାମଲାର ବିଚାର ପରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

HS

## ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ

ଆସନ୍ତା ପହିଲାରୁ ରାଜ୍ୟବ୍ୟାପୀ ଡାକରା ଦିଆଯାଇଥିବା ବସ୍ ଚଳାଚଳ ବନ୍ଦ ନିଷ୍ପତ୍ତିକୁ ଘରୋଇ ବସ୍ ମାଲିକ ସଂଘ ପ୍ରତ୍ୟାହାର କରିଛି । ପରିବହନ ବିଭାଗ ସହ ସଂଘର ଏକ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ବନ୍ଦ ଡାକରା ପ୍ରତ୍ୟାହୃତ ହେବା ନେଇ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୁଲିସ ଯାଞ୍ଚ ବ୍ୟବସ୍ଥା ଲାଗୁ ହେବ ନାହିଁ ବୋଲି ପରିବହନ ବିଭାଗ ପ୍ରତିଶ୍ରୁତି ଦେଇଥିବା ସଂଘ କହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଯାନବାହନ ଯାଞ୍ଚ କରିବା ନିମନ୍ତେ ପୁଲିସ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରସାର ହେବା ପରେ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା । ଏଭଳି ନିଷ୍ପତ୍ତିର ପୁର୍ନବିଚାର ଦାବି କରି ବସ୍ ଚଳାଚଳ ବନ୍ଦ ଡାକରା ଦିଆଯାଇଥିଲା ।

Desk

## ଧର୍ମେନ୍ଦ୍ର ପ୍ରଧାନ– ଚାଉଳ

ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ ରାଜ୍ୟର ଚାଷୀଙ୍କଠାରୁ ଖରିଫ ଋତୁରେ ଧାନ କ୍ରୟ ୪୦ଲକ୍ଷ ଟନ୍‌ରୁ ୪୭ ଲକ୍ଷ ଟନ୍‌କୁ ବୃଦ୍ଧି କରାଯାଇଛି। ରବି ଋତୁରେ ମଧ୍ୟ ଅଧିକ ୧ ଲକ୍ଷ ଟନ୍ ଚାଉଳ କିଣିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଖାଉଟି ବ୍ୟପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର କୃଷିଜୀବୀଙ୍କଠାରୁ ଖରିଫ ଓ ରବି ଋତୁ ପାଇଁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଉଷୁନା ଧାନ କିଣିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ। ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଧାନକ୍ରୟ ନେଇ ଶ୍ରୀ ପ୍ରଧାନ’ଙ୍କ ଅନୁରୋଧ ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଫ୍.ସି.ଆଇ ଦ୍ୱାରା ଶୀଘ୍ର ଚାଉଳ ଉଠାଣ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ମନ୍ତ୍ରଣାଳୟକୁ ଅନୁରୋଧ କରିଥିବା ନେଇ ଶ୍ରୀ ବକ୍ସି ସୂଚନା ଦେଇଛନ୍ତି।

Nabarangpur

## ପର୍ଯ୍ୟବେକ୍ଷଣ କମିଟି ବୈଠକ

ନବରଙ୍ଗପୁର ଜିଲ୍ଲା ଉନ୍ନୟନ ଓ ସମନ୍ୱୟ ପର୍ଯ୍ୟବେକ୍ଷଣ କମିଟି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷୀ କେନ୍ଦ୍ରୀୟ ଯୋଜନାଗୁଡ଼ିକର ସ୍ଥିତି ନେଇ

ସମୀକ୍ଷା କରାଯାଇଛି । ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଭାରତମାଳା ପରିଯୋଜନା, ମୁଦ୍ରା ଯୋଜନାରେ ଋଣ ପ୍ରଦାନ ଆଦି ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଛି । ମନରେଗା କାର୍ଯ୍ୟକ୍ରମ ଅଧୀନରେ ଅଧିକ ଜବ୍‌କାର୍ଡଧାରୀଙ୍କୁ ସାମିଲ କରିବାକୁ ସାଂସଦ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ୨୯୬ଟି ପଡ଼ାଗ୍ରାମକୁ ଜାନୁଆରୀ ଶେଷ ସୁଦ୍ଧା ବିଦ୍ୟୁତ୍‌କରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବୈଠକରୁ ସୂଚନା ମିଳିଛି ।

Subarnpur

## ଲକ୍ଷ୍ମୀପୂଜା

ମାର୍ଗଶୀର ଗୁରୁବାର ଚତୁର୍ଥ ପାଳିରେ ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକଙ୍କ ଘରେ ଆଜି ମା' ଲକ୍ଷ୍ମୀଙ୍କର ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଛି । ବ୍ରତଧାରୀ ମା'ମାନେ ଲକ୍ଷ୍ମୀ ପୁରାଣ ପାଠ କରି ପରିବାରର ସୁଖ, ସମୃଦ୍ଧି କାମନା କରିଛନ୍ତି । ସନ୍ଧ୍ୟାରେ ବିଭିନ୍ନ ଗାଁରେ କଳାକାରଙ୍କ ଦ୍ୱାରା ଲକ୍ଷ୍ମୀ ପୁରାଣ ଗୀତିନାଟ୍ୟ ପରିବେଷଣ ହେବା ନେଇ ପ୍ରସ୍ତୁତି ଚାଲିଥିବା ଆମ ସମ୍ବାଦଦାତା କହିଛନ୍ତି ।

Desk

## ମହିଳା କମିଶନ୍

ଜାତୀୟ ମହିଳା କମିଶନ ସଦସ୍ୟ ଡକ୍ଟର ଅର୍ଚ୍ଚନା ମଜୁମ୍‌ଦାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀର କମିଶନ୍‌ର ଏକ ତିନିଜଣିଆ ଦଳ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଶୁଣାଣି କରିଛନ୍ତି । ପଞ୍ଜିକୃତ ହୋଇଥିବା

୬ଟି ଜିଲ୍ଲାର ୯୬ଟି ଅଭିଯୋଗକୁ ବିଚାର କରି ୨୬ଟି ମାମଲାର ସମାଧାନ ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ଖୋର୍ଦ୍ଧା, ପୁରୀ, କଟକ, ଜଗତ୍ସିଂହପୁର, ନୟାଗଡ଼, ଗଞ୍ଜାମ।

# ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଯୁବ ଉତ୍ସବ ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ଦ୍ୱାରା ହେବାକୁ ଥିବା ଏହି ଉତ୍ସବ ଆସନ୍ତାମାସ ୫ ତାରିଖ ଦିନ ଅନୁଷ୍ଠିତ ହେବ । ଉତ୍ସବ ଆରମ୍ଭ ହେବା ପୂର୍ବରୁ ୨ ତାରିଖ ଦିନ ବ୍ଲକସ୍ତରରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ ।

HS

## କ୍ରୀଡ଼ା ପ୍ରତିଯୋଗିତା

ବଲାଙ୍ଗୀରଠାରେ ଆଜିଠାରୁ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ୍, ଫେନ୍ସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଆରମ୍ଭ ହେଉଛି। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍ଠାରେ ଅପରାହ୍ନ ୩ଟାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଫୁଟବଲ ପାଇଁ ୩୩୬ ଜଣ, ଫେନ୍ସିଂ ପାଇଁ ୭୪ ଏବଂ ଥାଙ୍ଗଟା ପାଇଁ ୩୭ଜଣ ପ୍ରତିଯୋଗୀଙ୍କ ସହ ୨୫୦ ଜଣ

ବୈଷୟିକ ଅଧିକାରୀଙ୍କୁ ମିଶାଇ ମୋଟ୍ ୮୯୭ ଜଣ ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି ।

Desk

# ଶୀତ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି କନ୍ଧମାଳର ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୮ ଦଶମିକ ୬ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିଲା ।